## ନଦୀରେ ଭାସୁଛି ମୃତଦେହ

ନନ୍ଦପୁର, (ଶଙ୍କର ପୂଜାରୀ)- ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ପାଠଲୁଙ୍ଗ ପଞ୍ଚାୟତ ଦେଇ ପ୍ରବାହିତ ନଦୀରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ସ୍ଥାନଟି ବିବାଦୀୟ ଅଞ୍ଚଳରେ ହୋଇଥିବାରୁ ଘଟଣାର ତଦନ୍ତ ଓଡ଼ିଶା ପାଡୁଆ ପୋଲିସ କରିବ କି ଆନ୍ଧ୍ର ପୋଲିସ କରିବ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ପାଠଲୁଙ୍ଗ ପଞ୍ଚାୟତର ଲୋକ ପ୍ରତିନିଧି, ପାଡୁଆ ପୋଲିସ ଓ ନନ୍ଦପୁର ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ଆନ୍ଧ୍ର ପୋଲିସକୁ ଖବର ଦେଇଛୁ ବୋଲି ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଅଭିଯୋଗ

ଦଶମନ୍ତପୁର,୧୯।୯ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଗୋଉଡକନ୍ତି ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ମହିଳା ଜଣକ ହେଲେ ଗ୍ରାମର ଦୁର୍ଯୋ କମାରଙ୍କ ସ୍ତ୍ରୀ ପୁଷ୍ପା (୩୦)। ଏନେଇ ଡାକ୍ତରଖାନା ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଦୁର୍ଯୋଙ୍କ କହିବା ଅନୁସାରେ ସ୍ତ୍ରୀ ପୁଷ୍ପା ସୋମବାର ରାତିରେ ଖାଇସାରି ଶୋଇଥିଲେ। ଭୋର ୪ଟାରେ ପୁଷ୍ପାଙ୍କ ଗୋଡ଼ ହାତରେ ଭୀଷଣ ଯନ୍ତ୍ରଣା ହେବା ସହ ସେ ଅସୁସ୍ଥ ହୋଇ ପଡଲେ। ସକାଳ ୭ଟାରେ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନା ଆଣି ଭର୍ତ୍ତି କରିଥିଲେ। ସେତେବେଳେ ପୁଷ୍ପାଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ସନ୍ଦେହ କରି ଡାକ୍ତରଖାନା ପକ୍ଷରୁ ପୋଲିସକୁ ଅବଗତ କରାଯାଇଥିଲା। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ପୋଲିସ ଟିମ ପହଞ୍ଚି ଦୁର୍ଯୋଙ୍କୁ ପଚରାଉଚରା କରିଥିଲେ। ତେବେ ପୁଷ୍ପା ବିଷାକ୍ତ ଦ୍ରବ୍ୟ ସେବନକୁ ଦୁର୍ଯୋ ଅସ୍ୱୀକାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ କୁହାଯାଇଛି।

# ୨୨ରୁ ସରପଞ୍ଚଙ୍କ କଲମଛାଡ଼ ଆନ୍ଦୋଳନ

ନନ୍ଦପୁର, ୧୯।୯ (ଶଙ୍କର ପୂଜାରୀ)

ଚଳିତ ମାସ ୨୨ତାରିଖଠାରୁ ସରପଞ୍ଚମାନେ କଲମଛାଡ ଆନ୍ଦୋଳନ କରିବେ। ସେମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବେ। କୌଣସି ସରକାରୀ ଫାଇଲ ଓ କାଗଜପତ୍ରରେ ଦସ୍ତଖତ କରିବେ ନାହିଁ କି କୌଣସି ବୈଠକରେ ଯୋଗ ଦେବେ ନାହିଁ। ଏସମ୍ପର୍କରେ ସେମାନେ ବିଡିଓଙ୍କୁ ବୁଧବାର ଅବଗତ କରାଇବେ। ସୋମବାର ରାଜ୍ୟ ସରପଞ୍ଚ ମହାସଂଘର କର୍ମକର୍ତ୍ତା କାର୍ଯ୍ୟରତ ସମସ୍ତ ସରପଞ୍ଚଙ୍କ ସହ ଅନଲାଇନ ମାଧ୍ୟମରେ ଆଲୋଚନା କରି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ନନ୍ଦପୁର ବ୍ଲକ ସରପଞ୍ଚ ସଂଘ ସଭାପତି ପଦଲାମ ହନ୍ତାଳ ସୂଚନା ଦେଇଛନ୍ତି। ୨୨ରୁ ରାଜ୍ୟର ସମସ୍ତ ପଞ୍ଚାୟତର ସରପଞ୍ଚ ଭୁବନେଶରରେ ଏକତ୍ରିତ ହେବେ। ପଞ୍ଚାୟତର ସମସ୍ତ ପୂର୍ବ କ୍ଷମତା ସେମାନଙ୍କୁ ଫେରାଇବା ଦାବି ସହ ଅନ୍ୟ ୧୫ଦଫା ଦାବି ପୂରଣ ଲାଗି ଗାନ୍ଧୀ ମାର୍ଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ।

# ଧାରଣା ସ୍ଥଳରେ ଗଣେଶ ପୂଜା କଲେ ଶିକ୍ଷକ

କୁନ୍ଦୁରା, ୧୯।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦିନ ହେଲା ଆନ୍ଦୋଳନ ଚଳାଇଥିବା ଶିକ୍ଷକମାନେ ମଙ୍ଗଳବାର ଅନ୍ଦୋଳନ ସ୍ଥଳରେ ଗଣେଶ ପୂଜା ପାଳନ କରିଛନ୍ତି। ଆନ୍ଦୋଳନ ଆରମ୍ଭ କରିଥିବା ପାଟିକା ସଂଘ ମଧ୍ୟ ଶିକ୍ଷକଙ୍କୁ ସମର୍ଥନ କରିଛି । ଡିସେମ୍ବର ସୁଦ୍ଧା ଶିକ୍ଷକଙ୍କ ଦାବି ପୂରଣ କରିବାକୁ ସରକାର ଘୋଷଣା କରିବା ପରେ ପୁରୁଣା ପେନସନ ସ୍କିମରେ ଅନ୍ତର୍ଭୁକ୍ତ ରହିଥିବା ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ମାତ୍ର ସରକାରଙ୍କ ଏହି ଘୋଷଣାରେ ଅସନ୍ତୁଷ୍ଟ ନୂତନ ପେନସନକୁ ବିରୋଧ କରୁଥିବା ଏନପିଏସ ଶିକ୍ଷକମାନେ ଧାରଣା ଜାରି ରଖିଛନ୍ତି।

## ଆରଆଇ ସର୍କଲ-୨ର ନୂତନ କୋଠା ଉଦ୍‌ଘାଟିତ

ଜୟପୁର, ୧୯।୯(ପବନ ପାଣିଗ୍ରାହୀ)

ଜୟପୁର ଜୟନଗରଠାରେ ଆରଆଇ ସର୍କଲ-୨ ଅଫିସର ନୂତନ କୋଠା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଉପ ଜିଲାପାଳ ପ୍ରଭାତ ପରିଡା ଏହାକୁ ଉଦଘାଟନ କରିଥିଲେ। ତହସିଲଦାର ସାଗରିକା ଷଡଙ୍ଗୀ, ସୁପରଭାଇଜର ହରିହର ଶତପଥୀ, ଆଇଆଇ ତିରେନ ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ।












































See Career Appointment on every Wednesday & Saturday




Your classified advertisement published in Dharitri will be listed free in Dharitri online edition : www.dharitri.com









